## ଫେବୃଆରୀ ୮ରୁ ପାଲା ଓ ଲୋକକଳା ମହୋତ୍ସବ

ବାସୁଦେବପୁର,୨୦।୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ମା' ସାତଭଉଣୀଙ୍କ ପୀଠରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ ୯ମ ବାର୍ଷିକ ପାଲା ଓ ଲୋକକଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସନାତନ ପୁରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ କପିଳନାଥ ଶର୍ମା ବିବରଣୀ ପାଠ କରିଥିଲେ। ବରିଷ୍ଠ ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ସାଂସ୍କୃତିକ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି, ସଙ୍ଗଠନ ସମ୍ପାଦକ ରମାକାନ୍ତ ନାୟକ, ବରିଷ୍ଠ ପାଲାକାର ନୀଳକଣ୍ଠ ପାତ୍ର, ବନବିହାରୀ ସାହୁ, ସହସମ୍ପାଦିକା ସାବିତ୍ରୀ ମହାରଣା, ପଦ୍ମଲୋଚନ ସ୍ୱାଇଁ, ରଞ୍ଜନ ମାଝୀ, ରଞ୍ଜନ ଜେନା, ଦୈତାରୀ ସେଠୀଙ୍କ ସମେତ କଳାକାରମାନେ ମତ ରଖିଥିଲେ। ଆସନ୍ତା ଫେବୃଆରୀ ୮ରୁ ଦୁଇଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ପାଲା, ଲଉଡ଼ି ଖେଳ, ଘୋଡ଼ାନାଚ, ଦାସକାଠିଆ, ବାଦ୍ୟ, ଖଞ୍ଜଣୀ ଭଜନ, ଶଙ୍ଖନାଦ ସହ ଲୋକକଳା ପ୍ରଦର୍ଶନ କରାଯିବ। ଅତିଥି ଭାବେ ଯୋଗଦେବା ଓ କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଧାୟକ ଅଶୋକ କୁମାର ଦାସଙ୍କ ସହ ପାଲାମଣ୍ଡଳର ଏକ ପ୍ରତିନିଧି ଦଳ ରବିବାର ପ୍ରାଥମିକ ଆଲୋଚନା କରିଛନ୍ତି।

# ଧାନମଣ୍ଡି, ବେଆଇନ ବାଲି ଖାଦାନ ଅନୁଧ୍ୟାନ

ଭଦ୍ରକ/ଭଣ୍ଡାରିପୋଖରୀ,୨୦।୧
(ସନାତନ ରାଉତ/ ରାଜେନ୍ଦ୍ର ଶତପଥୀ)

ଓଡ଼ିଶା ବିଧାନସଭାର ପବ୍ଲିକ ଅଣ୍ଡରଟେକିଂ କମିଟି ସୋମବାର ଅପରାହ୍ନରେ ଭଦ୍ରକ ଜିଲାର ବିଭିନ୍ନ ଧାନ ମଣ୍ଡି, ବାଲି ଖାଦାନ ଅନୁଧ୍ୟାନ କରିଛି। କମିଟି ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକର ମଣିନାଥପୁର, ନେରଡ଼ା, ସୁବର୍ଣ୍ଣମୁଖୀ ବାଲି ଖାଦାନ ଓ ବେଆଇନ ଇଟାଗଡ଼ା ଶିଳ୍ପାଞ୍ଚଳ ପରିଦର୍ଶନ କରିଥିଲା। ମଣିନାଥପୁର ଗ୍ରାମର ବେଆଇନ ବାଲି ଉତ୍ତୋଳନ ସ୍ଥାନ ଅନୁଧ୍ୟାନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ପରମାନନ୍ଦ ନାୟକ ବାଲି ଉତ୍ତୋଳନ, ପରିବହନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ କମିଟିକୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ କମିଟି ସହ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ସମବାୟ ସମିତି ଉପନିବନ୍ଧକ ପ୍ରାତୀତା ଜେନା ପ୍ରମୁଖ ରହଣିଆ ସମବାୟ ସମିତି ମଣ୍ଡି ପରିଦର୍ଶନ କରି



ସମୀକ୍ଷା ବୈଠକରେ ବିଧାନସଭାର ପବ୍ଲିକ ଅଣ୍ଡରଟେକିଂ କମିଟି ସଦସ୍ୟ।

### ବିଧାନସଭା ପବ୍ଲିକ ଅଣ୍ଡରଟେକିଂ କମିଟିର ସମୀକ୍ଷା

ଧାନ କ୍ରୟ ସମ୍ପର୍କରେ ଅଧିକାରୀ ସନ୍ତୋଷ ଦାସଙ୍କଠାରୁ ପଚାରି ବୁଝିଥିଲେ। ଏହାପରେ ଭଦ୍ରକ ସର୍କିଟ୍ ହାଉସ୍‌ରେ କମିଟି ପକ୍ଷରୁ ସମୀକ୍ଷା କରାଯାଇଛି। ବାଲି ଉତ୍ତୋଳନ ଉପରେ ଦୃଢ଼ ପଦକ୍ଷେପ ନେବାକୁ ଏସ୍‌ପି ଓ ଜିଲାପାଳଙ୍କୁ କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଧାନ କିଣାରେ କୁଇଣ୍ଟାଲ ପ୍ରତି ଦିଆଯାଉଥିବା ଇନ୍‌ପୁଟ୍ ୮ଶହ ଟଙ୍କା ବାଟମାରଣା ନ ହୋଇ କେବଳ ଚାଷୀଙ୍କୁ କିପରି ମିଳିପାରିବ, ସେନେଇ କମିଟି ପରାମର୍ଶ ଦେଇଛି।

ସମୀକ୍ଷା ବୈଠକରେ କମିଟିର ଅଧ୍ୟକ୍ଷ ବିଧାୟକ ପଦ୍ମଲୋଚନ ପଣ୍ଡା, ସଦସ୍ୟ ବିଧାୟକ ବଦ୍ରିନାରାୟଣ ପାତ୍ର, ଅଶ୍ୱିନୀ କୁମାର ପାତ୍ର, ସଞ୍ଜୀବ କୁମାର ମଲ୍ଲିକ, ଅଖିଳ ଚନ୍ଦ୍ର ନାୟକ, ମଙ୍ଗୁ ଖିଲ୍ଲାଙ୍କ ସହ ଜିଲାପାଳ ଦିଲୀପ କୁମାର ରାଉତରାଏ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଯୋଗ ଦେଇଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପର୍ଯ୍ୟଟନ, ଓଡ଼ିଶା ବନ ନିଗମ, ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନ, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନ, ଓପିଟିସିଏଲ୍, ଯୋଗାଣ ନିଗମ ଆଦି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଓ ସଫଳତା ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ଜାଗା ଅବରୋଧ, ଆବାସ, ଭତ୍ତା ସମ୍ପର୍କିତ ଅଭିଯୋଗ

ତିହିଡ଼ି,୨୦।୧(ସଞ୍ଜିତ ବଳ)

### ବ୍ଲକସ୍ତରୀୟ ଜନଶୁଣାଣି

ତିହିଡ଼ି ବିଡିଓଙ୍କ କାର୍ଯ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସର ଏହା ୩ୟ ଶିବିର ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳରୁ ହୋଇଥିବା ମୋଟ ୧୨ଟି ଅଭିଯୋଗର ଶୁଣାଣି କରାଯାଇଛି। ଜାଗା ଅବରୋଧ, ଆବାସ, ଭତ୍ତା ସମ୍ପର୍କିତ ଅଭିଯୋଗ ହୋଇଥିଲା। କୁବେରା ପଞ୍ଚାୟତର ରହଣିଆସାହି ଗ୍ରାମର ସର୍ବସାଧାରଣ ରାସ୍ତାକୁ ଜଣେ ବ୍ୟକ୍ତି ଅବରୋଧ କରିଥିବା ନେଇ ସନ୍ନ୍ୟାସୀ ଖଟୁଆ ଓ ଗ୍ରାମବାସୀ ଅଭିଯୋଗ କରିଥିଲେ। କୁବେରା ଗ୍ରାମର ଶଶିକାନ୍ତ ସାହାଣୀଙ୍କ ବ୍ୟକ୍ତିଗତ ଜାଗାକୁ ଅବରୋଧ କରାଯାଇ ସରକାରୀ ରାସ୍ତା ନିର୍ମାଣ କରାଯାଉଥିବା ନେଇ ସେ ଅଭିଯୋଗ କରିଥିଲେ। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଓ ଭତ୍ତା ନେଇ ଅଭିଯୋଗ ହୋଇଥିଲା। ମଙ୍ଗଳପୁର ପଞ୍ଚାୟତର ଦିବ୍ୟାଙ୍ଗ ବିଷ୍ଣୁ ବେହେରା ଓ ଦିପୁନୁ ବେହେରାଙ୍କୁ ହୁଇଲଚେୟାର ବଣ୍ଟନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଡିଓ ଜ୍ୟୋତିର୍ମୟ କର, ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ବିପିସି କୌଶିକ ଗିରି, ଏପିଓ କାମିନୀରାଣୀ ଓଝା ପ୍ରମୁଖ ଯୋଗ ଦେଇଥିଲେ। ହୁଇଲଚେୟାର ବଣ୍ଟନ ସମୟରେ ପ୍ରଶାସନିକ ଅଧିକାରୀଙ୍କ ସହ ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଫତେପୁର ସରପଞ୍ଚ ପ୍ରଦୀପ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ସୁରକ୍ଷା, ସ୍ୱଦେଶୀ ଭାବ ଜାଗରଣ ପାଇଁ ଆହ୍ୱାନ



ଭଦ୍ରକ,୨୦।୧(ସନାତନ ରାଉତ)

### ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସମ୍ମିଳନୀ

ଭଦ୍ରକ ବାଇପାସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦୁଇଦିନିଆ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ୧୧ ଖଣ୍ଡରୁ ମୋଟ ୧୦୭ଜଣ ଶାଖା କାର୍ଯ୍ୟକର୍ତ୍ତା ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପୂର୍ବ ପ୍ରାନ୍ତର ସହ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଦେଶ ସ୍ୱାଧୀନତା ପରେ ସମାଜରେ ଭେଦଭାବକୁ ଦୂର କରିବା ପାଇଁ ଏହି ସଂଘ ସର୍ବଦା ସାମାଜିକ ପରିବର୍ତ୍ତନର କାର୍ଯ୍ୟ କରିଚାଲିଛି ବୋଲି ସେ କହିଥିଲେ। ପରିବେଶ ସୁରକ୍ଷା, ଚାରାରୋପଣ, ପଲିଥିନମୁକ୍ତ ସମାଜ, ସ୍ୱଦେଶୀ ଭାବ ଜାଗରଣ ଆଦି କାର୍ଯ୍ୟ ପାଇଁ ସେ ଆହ୍ୱାନ ଦେଇଥିଲେ। ସଂଘର ଜିଲା କାର୍ଯ୍ୟବାହ ରଶ୍ମିରଞ୍ଜନ ରାଉତ, ବିଭାଗ ସଂଘ ଚାଳକ ପାର୍ଥସାରଥୀ ଦାସ, ଜିଲା ସଂଘ ଚାଳକ ପବିତ୍ର ମୋହନ ପଟ୍ଟନାୟକ ଯୋଗ ଦେଇଥିଲେ। ୩୪ଜଣ ପ୍ରବାସୀ କାର୍ଯ୍ୟକର୍ତ୍ତା ଦୁଇଦିନ ଧରି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଉଭୟ ଶାରୀରିକ ଏବଂ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶାରୀରିକ ପ୍ରମୁଖ ସଞ୍ଜୟ କୁମାର ବାରିକ ଶାରୀରିକ କାର୍ଯ୍ୟକ୍ରମ ଓ ଜିଲା ବୌଦ୍ଧିକ ପ୍ରମୁଖ ସୁଦର୍ଶନ ଲାହା ବୌଦ୍ଧିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୀପକ ଦାସ ମଞ୍ଚ ପରିଚାଳନା କରିଥିଲେ।

## ପାଠାଗାର ଉଦ୍‌ଘାଟନ, ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପାଇଁ ପ୍ରସ୍ତୁତି

ଧାମନଗର,୨୦।୧
(ଦେବେନ୍ଦ୍ର ଆଢ଼ିଆ)

ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ର ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାରର ଉଦ୍‌ଘାଟନ ଓ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଯଜ୍ଞ ପାଇଁ ରବିବାର ତୃତୀୟ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃଆରୀ ୨ରୁ ଉତ୍ସବ ଆରମ୍ଭ ହୋଇ ତିନିଦିନ ଧରି ଚାଲିବ। ଏହି ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ୩୨ ବେଶ ପୂଜନ, ଯଜ୍ଞ, ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର, ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ବୈଠକରେ ସ୍ୱର୍ଗତ ବିଶ୍ୱାଳଙ୍କ ପୁଅ ଜୟନ୍ତ ବିଶ୍ୱାଳ, ଡ. ମନ୍ମଥ କୁମାର ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ବରିଷ୍ଠ ନାଗରିକ ପରିଷଦ ସଭାପତି ଅନିଲ କୁମାର ବାରିକ, ସଚ୍ଚିକାନ୍ତ ପଣ୍ଡା, ଆଇନଜୀବୀ ଦେବାଶିଷ ସାମଲ, ରଞ୍ଜିତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ଅଭିମନ୍ୟୁ ମଲ୍ଲିକ, ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ବିଜୟ କୁମାର ରାମ, ବୈକୁଣ୍ଠନାଥ ସାହୁ, ମନୋଜ ଗୁପ୍ତା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।



ପ୍ରସ୍ତୁତି ବୈଠକରେ ଉତ୍ସବ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଉଛି।

## ଏଟିଏମ୍ କାର୍ଡ ବଦଳାଇ ୯୭, ୫୦୦ ଟଙ୍କା ଲୁଟ୍

ତିହିଡ଼ି,୨୦।୧(ସଞ୍ଜିତ ବଳ)

### ଜଣେ ଗିରଫ, ୨୦ ହଜାର ଟଙ୍କା ସହ ୬ ଏଟିଏମ୍ କାର୍ଡ ଜବତ

ତିହିଡ଼ି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଏଟିଏମ୍ କାର୍ଡ ବଦଳାଇ ୯୭,୫୦୦ ଟଙ୍କା ଲୁଟ୍ ହୋଇଛି। ଏହି ଘଟଣାରେ ସୋମବାର ଅପରାହ୍ନରେ ଉକ୍ତ ଲୁଟେରାଙ୍କୁ ତିହିଡ଼ି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଯାଜପୁର ଜିଲା ଦଶରଥପୁର ଥାନା ଅଧୀନ ଚମ୍ପେଇପାଳ ଗ୍ରାମର ପ୍ରମୋଦ ସାମଲ(୨୮)। ତାଙ୍କଠାରୁ ୨୦ହଜାର ଟଙ୍କା ଓ ୬ଟି ଏଟିଏମ୍ କାର୍ଡ ଜବତ କରାଯାଇଛି। ପ୍ରକାଶ ଯେ, ଗତ ନଭେମ୍ବର ୧ରେ ମଙ୍ଗରାଜପୁର ଗ୍ରାମର ରମାକାନ୍ତ ରାଉଳ ବ୍ଲକ ଛକରେ ଥିବା ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେହି ସମୟରେ ପ୍ରମୋଦ ସେଠାରେ ପହଞ୍ଚି ରମାକାନ୍ତଙ୍କ କାର୍ଡକୁ କୌଶଳକ୍ରମେ ବଦଳାଇ ଦେଇଥିଲେ। ପରେ ପ୍ରମୋଦ ସେହି କାର୍ଡ ଦ୍ୱାରା ୯୭ ହଜାର ୫ଶହ ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ରମାକାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୯୮/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପରେ ସିସିଟିଭି ଫୁଟେଜରୁ ଲୁଟେରାଙ୍କ ସମ୍ପର୍କରେ ପୋଲିସ ଜାଣିବାକୁ ପାଇଥିଲା। ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅରୁନ୍ଧତୀ ବେହେରା ଓ ଅନ୍ୟ ପୋଲିସ କର୍ମଚାରୀ ପ୍ରମୋଦଙ୍କ ଗାଁରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

## ଫେରାର୍ ସହଯୋଗୀ ଗିରଫ

### ସ୍ତ୍ରୀଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିବା ଘଟଣା

ସାବରଙ୍ଗ,୨୦।୧(କାଳୀପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତ ବଡ଼ଆନନ୍ଦପୁର ଗ୍ରାମର କିଶୋର ଜେନାଙ୍କ ସ୍ତ୍ରୀ କନକଲତା ଜେନାଙ୍କ ମୃତଦେହ ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଘାସୁଆ ଜଙ୍ଗଲରୁ ମିଳିଥିଲା। ଏହି ଘଟଣା ୨୦୨୩ ମସିହାରେ ଘଟିଥିବା ବେଳେ କିଶୋର କନକଲତାଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଥିବା ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ମୃତଦେହ ସ୍ଥାନାନ୍ତରରେ ସହଯୋଗ କରିଥିବା ଜିତେନ୍ଦ୍ର ଜେନାଙ୍କୁ ସିମୁଳିଆ ଥାନା ଅଧୀନ ବ୍ରହ୍ମପୁର ଗ୍ରାମରୁ ବାସୁଦେବପୁର ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ମୃତା କନକଲତାଙ୍କ ମା'ଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ମାମଲା (ନଂ.୨୨୫/୨୩) ରୁଜୁ ହୋଇଥିଲା। କିଶୋରଙ୍କୁ ୨୦୨୪ ଏପ୍ରିଲ ୧୫ରେ ପୋଲିସ ଗିରଫ କରିଥିବା ବେଳେ ସହଯୋଗୀ ଜିତେନ୍ଦ୍ର ସେବେଠାରୁ ଫେରାର ଥିଲେ। କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ଓ ତଦନ୍ତକାରୀ ଅଧିକାରୀ ଭାଗ୍ୟଜିତ୍ ନାୟକ ବ୍ରହ୍ମପୁର ଗ୍ରାମରେ ଚଢ଼ାଉ କରି ଜିତେନ୍ଦ୍ରଙ୍କୁ ଧରିଛନ୍ତି।

## 'କ୍ରୀଡ଼ା ଛାତ୍ର ଜୀବନର ମାନଦଣ୍ଡ'

ଧୂଷୁରୀ, ୨୦।୧ (ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକର ପାଳସାହିସ୍ଥିତ ଆଖଣ୍ଡଳମଣି ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅପରାହ୍ନରେ ଆରମ୍ଭ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ନୀହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଆୟୋଜିତ କ୍ରୀଡ଼ା ସଭାରେ ଓଡ଼ିଶା ଦୁଃସାହସିକ କ୍ରୀଡ଼ା ପରିଷଦର ଉପସଭାପତି ଇଂ. ଅଭୟ ସୂତାର ମୁଖ୍ୟଅତିଥି, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଅବସରପ୍ରାପ୍ତ ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ତ୍ରିଲୋଚନ ଦାସ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅନିଲ କୁମାର ରାଉତ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ, ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ଦାସ, ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ସାହୁ, ବ୍ରଜେନ୍ଦ୍ର ମହାନ୍ତି, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ହିଁ ଛାତ୍ର ଜୀବନର ମାନଦଣ୍ଡ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପିକା ଅଲିଭା ପ୍ରିୟଦର୍ଶିନୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଗାୟତ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ମୁଖ୍ୟଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ୩ଦିନ ଧରି ହେବାକୁ ଥିବା ଏହି କ୍ରୀଡ଼ାର ୧୮ଟି ଇଭେଣ୍ଟରୁ ପ୍ରଥମ ଦିନ ୬ଟି ଇଭେଣ୍ଟରେ ୧୫୦ ପ୍ରତିଯୋଗୀ ଭାଗ ନେଇଛନ୍ତି।



କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ଶ୍ରମିକ-କୃଷକ ସଂହତି ଦିବସ

ଭଦ୍ରକ,୨୦।୧ (ସନାତନ ରାଉତ/ରବିନାରାୟଣ ଖିଲାର )

ଶ୍ରମିକ ଓ ଚାଷୀଙ୍କ ବିଭିନ୍ନ ଦାବି ନେଇ ୧୯୮୨ ଜାନୁଆରୀ ୧୯ରେ ଦେଶରେ ପ୍ରଥମ ସଂଗଠିତ ସର୍ବଭାରତୀୟ ସାଧାରଣ ଧର୍ମଘଟ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ୧୨ଜଣ ପୋଲିସ ଗୁଳିରେ ଶହୀଦ ହୋଇଥିଲେ। ସେହି ଶହୀଦମାନଙ୍କ ସ୍ମୃତିରେ ରବିବାର ସିଆଇଟିୟୁ ଭଦ୍ରକ ଜିଲା ସଭାପତି ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଶ୍ରମିକ-କୃଷକ ସଂହତି ଦିବସ ପାଳନ କରାଯାଇଥିଲା। ଭଦ୍ରକ କଚେରି ବଜାରସ୍ଥିତ ଷ୍ଟେଟବ୍ୟାଙ୍କ ଛକଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଓଡ଼ିଶା କୃଷକ ସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ପୂର୍ବତନ ଜିଲା ସମ୍ପାଦକ ଶଶିଭୂଷଣ ପଣ୍ଡା, ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ଜିଲା ସମ୍ପାଦକ ଗିରିଧାରୀ ନାଥ, ସିଆଇଟିୟୁ ଜିଲା ସମ୍ପାଦକ କାଳନ୍ଦୀ ପାତ୍ର, ଜିଲା ଉପସଭାପତି ରାଧାନାଥ ଦାସ, କର୍ମଚାରୀ ନେତା ବାମଦେବ ମିଶ୍ର, ନବକିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ଏକ୍ରାମ ଖାନ, ଯୁବନେତା ବିନୋଦ ସାହୁ, ଛାତ୍ର ନେତା ଶୁଭମ ବେହେରା ପ୍ରମୁଖ ଐତିହାସିକ ଧର୍ମଘଟ ସମ୍ପର୍କରେ ମତ ରଖିଥିଲେ। ସଂସଦରେ ପାରିତ ହୋଇଥିବା ଶ୍ରମିକ ବିରୋଧୀ ଶ୍ରମ କୋଡ୍‌କୁ ପ୍ରତ୍ୟାହାର, ସମସ୍ତ କୃଷିଜାତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟଯୁକ୍ତ ଆଇନ ପ୍ରଣୟନ, କୃଷି ଋଣ ଛାଡ଼, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଆଦି ଦାବିରେ ଆଗାମୀ ଦିନରେ ଧର୍ମଘଟ ପାଇଁ ପ୍ରସ୍ତୁତି ହେବାକୁ ସେମାନେ ଭଦ୍ରକର ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ମିଳିତ ଜନଶୁଣାଣିରେ ୨୧୭ ଅଭିଯୋଗ



ଶିବିରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ବାସୁଦେବପୁର,୨୦।୧ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସୋମବାର ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଅଶୋକ କୁମାର ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ବିଡିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ସିଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ୨୧୭ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ପୂର୍ବ ଅପେକ୍ଷା ଏଥର ଅଧିକ ଅଭିଯୋଗ ହସ୍ତଗତ ହୋଇଛି। ତେବେ ଏହି ଜନ ଅଭିଯୋଗ ଶୁଣାଣି କେବଳ ନାମକୁ ମାତ୍ର। ଏଥିରେ ଲୋକଙ୍କୁ ସୁଫଳ ମିଳୁନାହିଁ। ଏହା ଏକ ପ୍ରହସନରେ ପରିଣତ ହୋଇଛି। ବାରମ୍ବାର ବିଭିନ୍ନ ଅଭିଯୋଗ ଓ ସମସ୍ୟା ପ୍ରଶାସନର ଦୃଷ୍ଟିକୁ ଅଣାଯାଉଥିବା ବେଳେ ଏହାର ସମାଧାନ ହେଉନାହିଁ ବୋଲି ଅରଣ୍ଡୁଆ ଗ୍ରାମର ମନୋଜ ପାଢ଼ୀ ନାମକ ଯୁବକ ଅଭିଯୋଗ କରିଛନ୍ତି।

## ଚାନ୍ଦବାଲି ଚାମ୍ପିୟନସ୍ ଟ୍ରଫି ଜିତିଲା ଚାନ୍ଦ କ୍ଲବ

ଚାନ୍ଦବାଲି,୨୦।୧(ଅଶୋକ ପଣ୍ଡା)

ଚାନ୍ଦବାଲି ମିନିଷ୍ଟାଡିୟମ୍‌ଠାରେ ଚାଲିଥିବା ଚାମ୍ପିୟନସ୍ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ସିଟି ସ୍ପୋର୍ଟିଂ ଚାନ୍ଦବାଲି ଓ ଚାନ୍ଦ କ୍ଲବ୍ ଚାନ୍ଦବାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଚାନ୍ଦ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୪୧ ରନ୍ କରିଥିଲା। ସିଟି କ୍ଲବ୍ ୧୧୭ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଏଥିରେ ଚାନ୍ଦ କ୍ଲବ୍ ଚାନ୍ଦବାଲି ଚାମ୍ପିୟନ ହୋଇ ଟ୍ରଫି ଜିତିଛି। ଅମିତ ସୂତାର ମ୍ୟାନ୍ ଅଫ୍ ଦି ସିରିଜ୍ ଓ ରାଜେନ୍ଦ୍ର ମହାଳିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ଚାନ୍ଦବାଲି କଲେଜ ପୁରସ୍କୃତ ହୋଇଛି। ଚାନ୍ଦବାଲି ଆଥ୍‌ଲେଟିକ ଆସୋସିଏଶନର ସଭାପତି ଅମୂଲ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ମୁଖ୍ୟବକ୍ତା କ୍ରୀଡ଼ା ଅଧ୍ୟାପକ ଯଦୁବୀର ପ୍ରତାପ ରାୟ ଏବଂ ଅନ୍ୟତମ ଅତିଥି ଭାବେ ଆସୋସିଏଶନର ସମ୍ପାଦକ ବିକ୍ରମ ଦାସ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓରନର୍ସଅପ୍‌ଟିମ୍‌କୁଟ୍ରଫିପ୍ରଦାନକରିଥିଲେ।





ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

## ୧୯୯୦ ବ୍ୟାଚ୍‌ର ବନ୍ଧୁମିଳନ

ସାବରଙ୍ଗ,୨୦।୧(କାଳୀପଦ ରାୟ)

ବାସୁଦେବପୁର ବ୍ଲକର ସୁଗୋ ଉଚ୍ଚ ବିଦ୍ୟାଳୟଠାରେ ୧୯୯୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସୁଧାକର ସନ୍ଧିବିଗ୍ରହ, ଅନାମ ଚରଣ ଦାସ, କେଦାରନାଥ ଜେନା, ସନ୍ତୋଷ କୁମାର ଦାସ, ରଙ୍ଗାଧର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଭାଗୀରଥି ପଣ୍ଡା, ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ରାଜାକୁମାର ନାୟକ, ପୁରାତନ ଛାତ୍ର ଗୟାଧର ସାହୁ, ଅଜୟ କୁମାର ନାୟକ, ଶ୍ୟାମକାନ୍ତ ଦାସ, ଭରତ କୁମାର ବାରିକ, ମନୋଜ କୁମାର ଦାସ, ନିରୁପମା ଧୂପାଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସୁଗୋ ସରପଞ୍ଚ ଚିନ୍ତାମଣି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ହାଇକୋର୍ଟଙ୍କ ରହିତାଦେଶ ପରେ ବି ଧାନ ସଂଗ୍ରହ

ତିହିଡ଼ି,୨୦।୧(ସଞ୍ଜିତ ବଳ)

### ଜିଲାପାଳଙ୍କୁ ଭେଟିଲେ ଏସ୍‌ଏଚ୍‌ଜି କର୍ମକର୍ତ୍ତା

ହାଇକୋର୍ଟଙ୍କ ରହିତାଦେଶ ପରେ ବି ତିହିଡ଼ି ବ୍ଲକ୍‌ର ଗୁଆମାଳ ପଞ୍ଚାୟତରେ ଏକ ଏସ୍‌ଏଚ୍‌ଜି(ସ୍ୱୟଂସହାୟକ ଗୋଷ୍ଠୀ) ପକ୍ଷରୁ ଧାନ ସଂଗ୍ରହ କରାଯାଉଛି। ଏନେଇ ଅନ୍ୟ ଏକ ଏସ୍‌ଏଚ୍‌ଜିର କର୍ମକର୍ତ୍ତା ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ଏହି ପଞ୍ଚାୟତର ଗଣପତି ଏସ୍‌ଏଚ୍‌ଜିକୁ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ଅନୁମତି ମିଳିଛି। ସେହି ମହିଳା ଗୋଷ୍ଠୀ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଣ୍ଡି ଖୋଲାଯାଇ ଧାନ ସଂଗ୍ରହ କରାଯାଉଛି। ତେବେ ସେହି ଗୋଷ୍ଠୀକୁ ଧାନସଂଗ୍ରହ ପାଇଁ ଅନୁମତି ମିଳିବା ପରେ ପଞ୍ଚାୟତର ରାଜଲକ୍ଷ୍ମୀ ନାମକ ଅନ୍ୟ ଏକ ଏସ୍‌ଏଚ୍‌ଜିର ସଭାନେତ୍ରୀ କୌଶଲ୍ୟାରାଣୀ ସେଠୀ ଓ ସମ୍ପାଦିକା ମାଳତୀ ଦଳେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ଗଣପତି ଗୋଷ୍ଠୀ ଧାନ ସଂଗ୍ରହ ପାଇଁ ଆବେଦନ କରି ନ ଥିବା ବେଳେ କିପରି ଅନୁମତି ମିଳିଲା। ଏଣୁ ଉକ୍ତ ଗୋଷ୍ଠୀର ଅନୁମତିକୁ ବାତିଲ କରାଯାଇ ଆବେଦନ କରିଥିବା ରାଜଲକ୍ଷ୍ମୀ ଗୋଷ୍ଠୀକୁ ଧାନ ସଂଗ୍ରହ ଅନୁମତି ପ୍ରଦାନ କରାଯାଉ ବୋଲି ସେମାନେ ଦର୍ଶାଇଥିଲେ। ହାଇକୋର୍ଟ ରାଜଲକ୍ଷ୍ମୀ ଗୋଷ୍ଠୀର ଆବେଦନକୁ ଗ୍ରହଣ କରି ଏକ ମକଦ୍ଦମା (ନଂ. ଡବ୍ଲୁପିସି ୬୭୧/୨୫) ରୁଜୁ କରିବା ସହ ଧାନ ସଂଗ୍ରହ ଉପରେ ରୋକ୍ ଲଗାଇଛନ୍ତି। ଗତ ୧୭ ତାରିଖରେ ମଧ୍ୟବର୍ତ୍ତୀକାଳୀନ ରାୟରେ ଏହି ରୋକ୍ ଲଗାଯାଇଥିବା ବେଳେ ଆସନ୍ତା ୨୨ ତାରିଖରେ ପରବର୍ତ୍ତୀ ଶୁଣାଣି ରହିଛି। ମାତ୍ର ଏହି ରାୟକୁ ଅବମାନନା କରାଯାଇ ଧାନ ସଂଗ୍ରହ କରାଯାଉଛି। ଏହାର ପ୍ରତିବାଦରେ ରାଜଲକ୍ଷ୍ମୀ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକା ଜିଲାପାଳଙ୍କୁ ଭେଟି ଗଣପତି ଗୋଷ୍ଠୀର ଧାନ ସଂଗ୍ରହ ବନ୍ଦ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ଏ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ଅପରପକ୍ଷେ ଗଣପତି ଗୋଷ୍ଠୀର ସଭାନେତ୍ରୀ ଶାନ୍ତିଲତା ଶତପଥୀ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ ତାଙ୍କୁ ଜଣାନାହିଁ। ପ୍ରଶାସନର ଅନୁମତି ପାଇ ସେମାନେ ଧାନ ସଂଗ୍ରହ କରୁଛନ୍ତି।

# ପାଥୁରୀଙ୍କ ସମ୍ପୂର୍ଣ୍ଣ ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆରସି

**କେନ୍ଦୁଝର,୨୦।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଖୁଣ୍ଟାପଡ଼ା ଅନ୍ତର୍ଗତ କୁଲାଡ଼େରାର ପାଥୁରୀ ଦେହୁରୀ ଭତ୍ତା ଟଙ୍କା ପାଇଁ ଗୁରୁଣ୍ଡି ତେଲକୋଇ ବ୍ଲକ୍ ରାଇସୁଆଁ ପଞ୍ଚାୟତ ଅଫିସକୁ ୨ କିମି ଯାଉଥିବା ଏକ ଭିଡିଓ ଭାଇରାଲ ହୋଇଥିଲା। ଘଟଣାରେ ଜାତୀୟ ମାନବ ଅଧିକାର ଆୟୋଗ, (ଏନ୍‌ଏଚ୍‌ଆରସି) କେନ୍ଦୁଝର ଜିଲାପାଳଙ୍କୁ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାନବ ଅଧିକାର ସୁରକ୍ଷାକର୍ମୀ ତଥା ବରିଷ୍ଠ ଆଡଭୋକେଟ ରାଧାକାନ୍ତ ତ୍ରିପାଠୀ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ଅଭିଯୋଗକୁ ଗ୍ରହଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ କରିବାକୁ ଏବଂ ଚାରି ସପ୍ତାହ ମଧ୍ୟରେ ଅଭିଯୋଗକୁ ନେଇ ରିପୋର୍ଟ ଦେବାକୁ ଆଦେଶ କରିଥିଲେ। କିନ୍ତୁ ରିପୋର୍ଟ କମିଶନ ଙ୍କ ନିକଟରେ ପହଞ୍ଚି ନ ଥିବାରୁ ୧୭ ଜାନୁଆରୀ ୨୦୨୫ରେ କମିଶନ ନିର୍ଦ୍ଦେଶ ଦେଇ ୨୪ ଫେବୃଆରୀ ୨୦୨୫ ସୁଦ୍ଧା ରିପୋର୍ଟ ପଠାଇବାକୁ କହିଛନ୍ତି।

**ଘୁଷୁରି ଘୁଷୁରି ଭତ୍ତା ପାଇଁ ଯିବା ଘଟଣା**

ସୂଚନା ଅନୁସାରେ, ଅଭିଯୋଗକାରୀ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ବିବ୍ରତ ଭିଡିଓ ପ୍ରତି ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯେଉଁଥିରେ ପାଥୁରୀ ନାମକ ଜଣେ ୭୦ ବର୍ଷ ବୟସ୍କା ଆଦିବାସୀ ମହିଳା ଭତ୍ତା ପାଇଁ ୨ କିଲୋମିଟର ପର୍ଯ୍ୟନ୍ତ ଘୁଷୁରି ଘୁଷୁରି ଯିବାକୁ ପଡ଼ିଥିଲା। ସେହିପରି ଖୁଣ୍ଟାପଡା ଅନ୍ତର୍ଗତ କୁଲାଡେରା ଗ୍ରାମର ମାଧବ ଜାମୁଡା ନାମକ ଅନ୍ୟ ଜଣେ ଭିନ୍ନକ୍ଷମ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯାହାକି ମାନବାଧିକାର ଉଲ୍ଲଙ୍ଘନ ବୋଲି ଦର୍ଶାଇଥିଲେ। ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ଘରେ ବୃଦ୍ଧାବୃଦ୍ଧ ପେନ୍‌ସନ ସୁନିଶ୍ଚିତ କରିବା ସହ ପୀଡ଼ିତଙ୍କ ପାଇଁ ହ୍ୱିଲ ଚେୟାର ବ୍ୟବସ୍ଥା କରିବା ସହିତ ଗ୍ରାମବାସୀଙ୍କୁ ସର୍ବକାଳୀନ ପାଣିପାଗ ସଡ଼କ ସଂଯୋଗ କରିବା ନେଇ ଆଦେଶ କରିବାକୁ ନିବେଦନ କରିଥିଲେ। ଆୟୋଗ ୩୦ ଅକ୍ଟୋବର ୨୦୨୪ ଦିନ ଏହାର ପ୍ରକ୍ରିୟାକୁ ଭିଡିଓର ଏକ ନକଲକୁ ଜିଲାପାଳଙ୍କୁ ପଠାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଜଣାଇବାକୁ ଆଦେଶ କରିଥିଲେ। ଆୟୋଗର ଉପରୋକ୍ତ ନିର୍ଦ୍ଦେଶଗୁଡ଼ିକର ଉତ୍ତରରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ କୌଣସି ଆବଶ୍ୟକୀୟ ରିପୋର୍ଟ ଗ୍ରହଣ କରି ନ ଥିବାରୁ ଉଦ୍‌ବେଗ ବ୍ୟକ୍ତ କରି ପୁଣି ରିପୋର୍ଟ ତଲବ କରିଛନ୍ତି।

# ୨୭ରୁ ପରିବହନ ବନ୍ଦ ଚେତାବନୀ

**କେନ୍ଦୁଝର,୨୦।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

**ଗନ୍ଧମାର୍ଦ୍ଦନ ବଫର୍ ଜୋନ୍‌ର ଟ୍ରକ୍‌କୁ ଅଗ୍ରାଧିକାର ଦାବି**

**ବଫର ଜୋନ୍ କୋର କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଶୁଆକାଠିସ୍ଥିତ ଗନ୍ଧମାର୍ଦ୍ଦନ ଖଣି ବଫର ଜୋନ ଅଞ୍ଚଳର ଟ୍ରକ୍‌କୁ ଅଗ୍ରାଧିକାର ଓ ଖଣି ପ୍ରଭାବିତଙ୍କୁ ସମସ୍ତ ସୁବିଧା ଯୋଗାଇବାକୁ ଦାବି ହୋଇଛି। ଏ ନେଇ କୋର କମିଟିର ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଓଏମ୍‌ସି ଓ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘକୁ ବିରୋଧ କରି ଆସନ୍ତା ୨୭ ତାରିଖରୁ ଗନ୍ଧମାର୍ଦ୍ଦନ ଖଣି, ଶୁଆକାଠିରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପରିବହନ କାର୍ଯ୍ୟ ବନ୍ଦ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଖଣି ଆଇନ ୧୯୫୨ର ଉପଧାରା ଅନୁଯାୟୀ ୨୫ ହେକ୍ଟରରୁ ଊର୍ଦ୍ଧ୍ୱ ଖଣି କାର୍ଯ୍ୟ ଚାଲୁଥିଲେ ୧୦ କି.ମି. ବ୍ୟାସାର୍ଦ୍ଧକୁ ବଫର ଜୋନ୍ ବିବେଚନା କରାଯାଏ। ଏଠାରେ ୨୨୦୯ ହେକ୍ଟର ଖଣି ଅଞ୍ଚଳ ଚାଲୁଛି। ଖଣି ମଧ୍ୟ ଭାଗରୁ ୧୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ପ୍ରଦୂଷଣ, ଦୁର୍ଘଟଣା, ଯାତାୟାତରେ ସମସ୍ୟା, ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ, ହସ୍ପିଟାଲ ଯିବାରେ ବ୍ୟାଘାତ ଘଟୁଛି। ଅଞ୍ଚଳରେ ଲୋକମାନେ ଟ୍ରକ୍ ବ୍ୟାପାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ଜିଲା ଟ୍ରକ୍‌ମାଲିକ ସଂଘରେ ଥିବା ଅନେକ ହଜାର ଟ୍ରକ୍ ସହିତ ବଫର ଅଞ୍ଚଳର ଟ୍ରକ୍ ସମାନ ଅନୁପାତରେ ଲୋଡ କରୁଥିବାରୁ ଦିନେ ଲୋଡ ପାଇଲେ ୮ ଦିନ ଲୋଡ ନ ପାଇ ଛିଡ଼ା ହୋଇ ରହୁଛି। ଯାହା ଫଳରେ ଅଞ୍ଚଳର ଟ୍ରକ୍ ମାଲିକଙ୍କ ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଉକ୍ତ ଅଞ୍ଚଳର ଟ୍ରକ୍ ମାଲିକ ଓ ଅଧିବାସୀଙ୍କୁ ଖଣିରେ ଲୋଡିଂ ସୁବିଧା ଓ ଧୂଳି ଧୂଆଁ ସଫା ସୁତୁରା ରଖିବା ଆଦି ସର୍ତ୍ତ ଲିଜ୍ ସମୟରେ ରହିଛି। ତେବେ ସେସବୁ ସୁବିଧା ବଫର୍ ଅଞ୍ଚଳର ଲୋକେ ଓ ଟ୍ରକ୍ ମାଲିକ ପାଉନାହାନ୍ତି। ବଫର ଜୋନ ଗାଡ଼ିଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଲୋଡ୍ ନିମନ୍ତେ କେନ୍ଦୁଝର ଟ୍ରକ୍ ମାଲିକ ସଂଘ ଓ ଓଏମ୍‌ସି କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ ବାରମ୍ବାର ଦାବି କଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ଜିଲା ପ୍ରଶାସନଙ୍କୁ ଦାବିପତ୍ର ମାଧ୍ୟମରେ କୋର କମିଟିର ସଦସ୍ୟ ନିହାର ରଞ୍ଜନ ଦାସ, ଦିପ୍ତିକାନ୍ତ ପଟ୍ଟନାୟକ, ପାର୍ଥ ସାରଥି ମିଶ୍ର ପ୍ରମୁଖ ସଦସ୍ୟ ଦସ୍ତଖତ କରି ଦାବି ଜଣାଇଛନ୍ତି।

# ତେନ୍ତୁଳି ଗଛ ଜଳିଗଲା

**ଆନନ୍ଦପୁର,୨୦।୧(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ବାରୁଆଁ ଗ୍ରାମରେ ସୋମବାର ଏକ ବଡ଼ ତେନ୍ତୁଳି ଗଛରେ ନିଆଁ ଲାଗି ଜଳିଯାଇଛି। ଆନନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଗ୍ରାମର ବେଣୁଧର ନାଏକ ଗଛ କୋରଡ଼ରେ ଥିବା ବିଷାକ୍ତ ସାପକୁ ଘଉଡାଇବା ଉଦ୍ୟାସରେ ନିଆଁ ଲଗାଇଥିଲେ। ନିଆଁ ସମ୍ପୂର୍ଣ୍ଣ ଲିଭି ନ ଥିବାରୁ ଲୋକେ ଭୟଭିତ ରହିଛନ୍ତି।

# ସାଳନ୍ଦୀ ଗୟା ଗଙ୍ଗାଘାଟରେ ସମୂହ ଅସ୍ଥି ବିସର୍ଜନ



**ବଉଳା/ ଛେନାପଦି, ୨୦।୧(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡା):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ସାଳନ୍ଦୀ ତେଲକୁପି ମାରଙ୍ଗବୁରୁ ଗୟା ଗଙ୍ଗାଘାଟ ଟିଲ ଅଡ଼ିଆ ପକ୍ଷରୁ ସାଳନ୍ଦୀ ନଦୀ କୂଳରେ ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ହୋଇଛି। ଏଥିରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାର ୭୦ ଅସ୍ତି ବିସର୍ଜନ କରାଯାଇଥିଲା। ଅନେକ ଶହ ଆଦିବାସୀ ଲୋକ ଅସ୍ଥି ବିସର୍ଜନରେ ସାମିଲ ହୋଇଥିଲେ। ଟିଲ ଗଡ଼ିଆ ପକ୍ଷରୁ କାର୍ଯ୍ୟକ୍ରମ କରାଯାଇଥିବାବେଳେ ଗଞ୍ଜେଇ ମାଝୀ, ସାଉନା ହେମ୍ବ୍ରମ୍, କାଳନ୍ଦୀ ଟୁଡୁ, ସୁନାରାମ ଟୁଡୁ, ମଧୁସୂଧନ ହେମ୍ବ୍ରମ୍, କାରଣ ଟୁଡୁ, ଜଗନ୍ନାଥ ମୁର୍ମୁ, ସାଗ୍ରାମ ସୋରେନ, ଜୟରାମ ହେମ୍ବ୍ରମ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀ ଲୋକନାଥ ତ୍ରୟମ୍ବକାୟ ପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା

**କେନ୍ଦୁଝର,୨୦।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ମୁରୁସୁଆଁ ଗ୍ରାମରେ ଶ୍ରୀ ଲୋକନାଥ ତ୍ରୟମ୍ବକାୟ ପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶନିବାର ଦିନ ଅଙ୍କୁରା ରୋପଣ, ରବିବାର କଳସ ଅଧିବାସ କାର୍ଯ୍ୟକ୍ରମ ଶେଷ ହେବା ପରେ ସୋମବାର ବିଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ ବୋଲି ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଅଶ୍ୱିନୀ ସାହୁ, ସଭାପତି ରବିନ୍ଦ୍ର ନାଥ ସାହୁ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରତିଦିନ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଉଥିବାବେଳେ ସନ୍ଧ୍ୟା ୭ ରୁ ୯ଟା ପର୍ଯ୍ୟନ୍ତ ମୀନକେତନ ପାତ୍ର ଓ ସାଥିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମକୁ ସୁପରିଚାଳନା କରିବାରେ କମିଟି ସଭ୍ୟ ଅଭିମନ୍ୟୁ ସାହୁ, ଦୁଃଶାସନ ସାହୁ, ଜ୍ୟୋତିରଞ୍ଜନ ସେଠୀ, ସୁନନ୍ଦ ସାହୁ, ଇନ୍ଦ୍ରମଣୀ ସାହୁ, ଜ୍ଞାନେନ୍ଦ୍ର ସାହୁ, ସିପୁନ ସାହୁ, ଜ୍ୟୋତିରଞ୍ଜନ ସାହୁ, କ୍ଷୀରୋଦ ସାହୁ ଏବଂ ଅନ୍ୟ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।



# ଜବର ଦଖଲ ଉଚ୍ଛେଦ

**ଚମ୍ପୁଆ, ୨୦।୧ (ମହେଶ୍ୱର ଦାସ):** ଚମ୍ପୁଆ ତହସିଲ ପକ୍ଷରୁ ଚମ୍ପୁଆ ଅଲ୍ଲିନଗରଠାରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ତହସିଲଦାର ସଜତ ମାର୍କେଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ଜମିରେ ଅର୍ଦ୍ଧ ନିର୍ମିତ ଗୃହକୁ ବୁଲଡଜର ସହାୟତାରେ ଭଙ୍ଗାଯାଇଥିଲା। ମାଜିଷ୍ଟ୍ରେଟ ସମରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିବା ବେଳେ ଚମ୍ପୁଆ ପୋଲିସ ଥାନା ଅଧିକାରିଣୀ ଏବ୍‌ଆର କୁଲୁ, ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶନୀ, ରାଜସ୍ୱ ଅଧିକାରୀ ସମ୍ପଦ ପ୍ରଧାନ ଓ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଭୋଜି ଖାଇବାକୁ ଡାକି ହାଣିଲେ

**ହାଟଡିହୀ,୨୦।୧(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ମନୋହରପୁରର ପ୍ରସନ୍ନ ଲେଙ୍କାଙ୍କୁ ଭୋଜି ଖାଇବାକୁ ଡାକି ୪ ଯୁବକ ଆକ୍ରମଣ କରିଛନ୍ତି। ଉଦ୍ଧାର କରିବାକୁ ଆସିଥିବା ୩ ଜଣ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ପୂର୍ବ ଶତ୍ରୁତାରୁ ଘଟଣା ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧୦ଟାରେ କ୍ଲବ ଘରେ କଜଳା ପାତ୍ରଙ୍କ ୩ ପୁଅ ଟେରା, ଟୁନା, ଟିଙ୍କିପୁଅ ଏବଂ ଶରତ ପାତ୍ରଙ୍କ ପୁଅ ଭବିଷ୍ୟତ ଭୋଜି ଆୟୋଜନ କରି ପ୍ରସନ୍ନଙ୍କୁ ଡାକିଥିଲେ। ପ୍ରସନ୍ନ ଭୋଜି ସ୍ଥଳରେ ପହଞ୍ଚିବା ପରେ ୪ ଜଣ ତାଙ୍କୁ ମାରଣାସ୍ତ୍ରରେ ହାଣି ଥିଲେ। ପାଟି ଶୁଣି ନରେଶ, ରମେଶ, ଅନସୂୟା ରକ୍ଷା କରିବାକୁ ଯାଇଥିବା ବେଳେ ସେମାନେ ଆକ୍ରମଣର ଶିକାର ହୋଇଥିଲେ। ସମସ୍ତଙ୍କୁ ଶାଳନିଆଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରସନ୍ନ ଓ ରମେଶଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି, ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

**ଯୋଡ଼ା,୨୦।୧(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରୀଙ୍କ ପାଇଁ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇ ଯାଇଛି। ଜାନୁଆରୀ ୭ରୁ ଆରମ୍ଭ ହୋଇ ଜାନୁଆରୀ ୧୮ ରେ ଶେଷ ହୋଇଛି। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ସାଇପ୍ରିୟା ରାଉତ ଓ ଭାରତୀ ଭଗବତୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ଅଧକ୍ଷା ଜୟଶ୍ରୀ ମହାନ୍ତି ଓ ବରିଷ୍ଠ ଅଧ୍ୟାପିକା ଗୀତା ମିଶ୍ର ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ସଂଯୋଜିକା ଅଧ୍ୟାପିକା ଶୁଚିସ୍ମିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶିକ୍ଷା ଗ୍ରହଣ କରିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ସୁମନପ୍ରଭା ତିର୍କୀ ପ୍ରମାଣ ବଣ୍ଟନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ

**ଘସିପୁରା,୨୦।୧(ନିରଞ୍ଜନ ସାହୁ ):** କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ପରମାନନ୍ଦପୁର ଯୁକ୍ତ ଦୁଇ ମହା ବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷା ଡଃ ପ୍ରେମଲତା ରାଉତ ଶିବିରକୁ ଉଦ୍‌ଘାଟନ କରିବା ସହ ଛାତ୍ରୀ ଆତ୍ମରକ୍ଷା ଉପରେ ଉପାଦେୟ ବାର୍ତ୍ତା ରଖିଥିଲେ। ଶିବିରର ଉପଦେଷ୍ଟା ଅଧ୍ୟାପିକା ଯଶୋଦା ଟପୋଙ୍କ ସଂଯୋଜନାରେ ପ୍ରଶିକ୍ଷିକା ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପତି ଛାତ୍ରୀଙ୍କୁ ଆତ୍ମରକ୍ଷା ନେଇ ବିଭିନ୍ନ ରଣ କୌଷଳ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ନିବେଦିତା ପଣ୍ଡା, ମନ୍ଦାକିନୀ ପଣ୍ଡା ଏବଂ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ

**ପାଟଣା,୨୦।୧(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ସ୍ତରୀୟ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଓ ଅର୍ଥନୈତିକ ଅନଗ୍ରସର ମେଧାବୃତ୍ତି ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ତୁରୁମୁଙ୍ଗା ଶିଶୁ ମନ୍ଦିର ମଧୁସ୍ମିତା ମହାନ୍ତ ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ ଦ୍ୱିତୀୟରେ କେତାଙ୍ଗସିଦ୍ଧ ବିନାୟକ ସରସ୍ୱତୀ ବିଦ୍ୟାମନ୍ଦିରର ତେଜିସ୍ମିତା ମହାନ୍ତ, ତୃତୀୟରେ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତରଙ୍ଗିନୀ ମହାନ୍ତ, ୪ର୍ଥରେ କେତାଙ୍ଗସିଦ୍ଧ ବିନାୟକ ସରସ୍ୱତୀ ବିଦ୍ୟାମନ୍ଦିରର ସସ୍ମିତା ମହାନ୍ତ, ୫ମ ସ୍ଥାନରେ ଅସନ ବାହାଳି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶୁଭେନ୍ଦୁ ଶେଖର ମହାନ୍ତ, ଷଷ୍ଠରେ ପାଟଣା ଶିଶୁ ବିଦ୍ୟା ମନ୍ଦିରର ପରିସ୍ମିତା ସେଠୀ, ସପ୍ତମରେ କଇଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଆର୍ଯ୍ୟାନ ଜେନା ଥିବା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସୂଚନା ଦେଇଛନ୍ତି। ସେହିଭଳି ତୃତୀୟ ଶ୍ରେଣୀ ଅର୍ଥନୀତି ଅନଗ୍ରସର୍ ବର୍ଗରେ ମେଧାବୃତ୍ତି ତାଲିକାରେ ୭ ଛାତ୍ରୀଛାତ୍ର ରହିଛନ୍ତି। ପ୍ରଥମରେ ପଦ୍ମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରୀତମ ମହାନ୍ତ, ଦ୍ୱିତୀୟରେ ଟାଙ୍ଗରପଡ଼ା ଶିଶୁମନ୍ଦିର ଶ୍ରୀୟାନ୍ୱି ସାହୁ, ତୃତୀୟରେ ପାଟଣା ଶିଶୁ ମନ୍ଦିରର ହରପ୍ରିୟା ମହାନ୍ତ, ଚତୁର୍ଥ ସେଲିନା ଗିରି, ପଞ୍ଚମରେ ଖୁଣ୍ଟାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପଦ୍ମିନୀ ସାହୁ, ଷଷ୍ଠରେ ଖୁସି ରାଣୀ ସାହୁ, ସପ୍ତମରେ ଚିରାଗ ନାଏକ ରହିଛନ୍ତି।

# ଭାଜପା ଜିଲା ସଭାପତି ଦୌଡ଼ରେ ୧୦ ପ୍ରାର୍ଥୀ

**କେନ୍ଦୁଝର,୨୦।୧(ଦୀପକ ମିଶ୍ର):**

ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଶାସନ କରୁଛି। କେନ୍ଦୁଝର ଜିଲା ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଅଛନ୍ତି। ତେଣୁ ଜିଲା ସହ ଭାଜପା ସାଙ୍ଗଠନିକ ଜିଲା ସଭାପତି ପଦ ବେଶ ଗୁରୁତ୍ୱ ବହନ କରୁଛି। ଯିଏ ସଭାପତି ପଦ ଅକ୍ତିଆର କରିବେ ସେ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ସାଙ୍ଗଠନିକ ଓ ପ୍ରଶାସନିକସ୍ତରରେ ସମନ୍ୱୟ ରକ୍ଷା କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ନିର୍ବାଚନ ପାଇଁ ୧୯ତାରିଖ ଅପରାହ୍ନରେ ଜିଲା ନିର୍ବାଚନ ଅଧିକାରୀ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସୋମବାର ୧୦ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ଦ୍ଧାରିତ ସମୟ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ଅନୁବ୍ରତ ବେହେରା, ଶୁକଦେବ ମହାନ୍ତ, ଗୋପୀନାଥ ରାମ, ଅଖିଳ କୁମାର ପାତ୍ର, ରାଧାକାନ୍ତ ମହାନ୍ତ, ମମିତା ନାୟକ, ଆଲୋକ ସେଠୀ, ଗଣେଶ୍ୱର ମହାନ୍ତ, ବିବେକାନନ୍ଦ ମହାନ୍ତ ଓ ସସ୍ମିତା ପ୍ରଧାନ ନାମାଙ୍କନପତ୍ର ଜିଲା ଭାଜପା କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଜିଲା ନିର୍ବାଚନ ଅଧିକାରୀ ସଞ୍ଜୀବ ମହାନ୍ତି ଯାଞ୍ଚ କରି ପ୍ରାର୍ଥୀଙ୍କଠାରୁ ତାହା ଗ୍ରହଣ କରିଛନ୍ତି। ଦଳ ପକ୍ଷରୁ ଜାରି ହୋଇଥିବା ନିୟମ ଅନୁଯାୟୀ ପ୍ରାର୍ଥିପତ୍ରରେ ଭୋଟର ତାଲିକାରେ ଥିବା ସର୍ବମୋଟ ସଂଖ୍ୟାର ୧୦ ପ୍ରତିଶତ ସମର୍ଥକ ରହିବେ। ମଙ୍ଗଳବାର ନୂଆ ସଭାପତି ଘୋଷଣା ହେବାର ସମ୍ଭାବନା ରହିଛି। କେତେକ କହୁଛନ୍ତି, ଜିଲା ସଭାପତି କିଏ ହେବେ ଆଗରୁ ସବୁଜ ସଙ୍କେତ ମିଳିସାରିଛି। ଏଭଳି ଆଲୋଚନା ଭିତରେ କିଏ ବାଜି ମାରିପାରନ୍ତି ସେନେଇ ନେଇ କେହି ମୁହଁ ଖୋଲୁ ନାହାନ୍ତି। ରାଜ୍ୟ ପରିଷଦ ସଦସ୍ୟ ପାଇଁ ସୋମବାରୀ ମୁଣ୍ଡା ଏବଂ ଦଶରଥ ଜେନା ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି।

## ଯୌନ ଶୋଷଣ ସୁରକ୍ଷା ସମ୍ବନ୍ଧୀୟ ଆଇନ ସଚେତନତା

**କେନ୍ଦୁଝର,୨୦।୧(ଦୀପକ ମିଶ୍ର):** କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟ ସଭାଗୃହରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ତଥା କର୍ମକ୍ଷେତ୍ରରେ ମହିଳାମାନେ ଯୌନ ଶୋଷଣର ଶିକାର ସମ୍ବନ୍ଧୀୟ ଆଇନ ସଚେତନତା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ମାମୀ ବେହେରା ଆଇନସେବା ପ୍ରାଧିକରଣ ଦ୍ୱାରା କରାଯାଉଥିବା ଜନମଙ୍ଗଳ କାର୍ଯ୍ୟକ୍ରମଗୁଡ଼ିକୁ ଅବତାରଣା କରିଥିଲେ। କର୍ମକ୍ଷେତ୍ରରେ ମହିଳା କିଭଳି ଯୌନ ଶୋଷଣ ଶିକାର ନ ହେବେ, ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଆଭ୍ୟନ୍ତରୀଣ କମିଟି ଓ ଜିଲାସ୍ତରରେ ମହିଳାଙ୍କୁ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସ୍ଥାନୀୟ ଅଭିଯୋଗ କମିଟି ଉପରେ ଜଣାଇ ପୀଡ଼ିତାଙ୍କ ପାଇଁ ଆଇନଗତ ଦିଗ ଉପରେ ତର୍ଜମା କରିଥିଲେ। ଅଧ୍ୟାପକ ଭାଗୀରଥି ନାୟକ, ତନୟା ଦାସ ମହାପାତ୍ର, ସ୍ମୃତିରେଖା ବାରିକ, ଅଧିବକ୍ତା ସୁନୀଲ ମହାନ୍ତ, ମମତା ମହାନ୍ତ, ଜିଲା ଆଇନ୍‌ସେବା ପ୍ରାଧିକରଣର ଦେବବ୍ରତ ଦାସ, ଶିଶିର ସାହୁ ପରିଚାଳନା କରିଥିଲେ।

# ଏମ୍‌ପିସି ସ୍ୱୟଂଶାସିତ କଲେଜ ପଦାର୍ଥ ବିଜ୍ଞାନର ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ବାରିପଦା,୨୦।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜର ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଡ. ଆଲବେର୍ଟିନା ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଲୋକ ଓ ପଦାର୍ଥର ପାରସ୍ପରିକ କ୍ରିୟା ଉପରେ ଭୌତିକ ବିଜ୍ଞାନର ଆଲୋଚନାଚକ୍ର ଶୀର୍ଷକରେ ବିଶେଷଜ୍ଞ ଭାବରେ ଆଇଆଇଟି ଇନ୍ଦୋରରୁ ଡ. ଦେବ ରଥ ଏବଂ ଆଇଆଇଟି ମାଡ୍ରାସରୁ ଡ. ସମ୍ବିତ କୁମାର ପୁଷ୍ଟି ଉକ୍ତ ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାହକ ଭାବରେ ବିଭାଗ ମୁଖ୍ୟ ଡ. ସରୋଜ କୁମାର ପାତ୍ର ସ୍ୱାଗତ ଭାଷଣ ଦେବା କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ। ଆଲୋଚନା ଶେଷରେ ପ୍ରଶ୍ନୋତ୍ତର କରାଯାଇଥିଲା। ସହ ଆବାହକ ଅଞ୍ଜନ ଜେନା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାଚକ୍ରକୁ ସଫଳ ରୂପାୟନ କରିଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ ସଂସ୍କୃତି ଜ୍ଞାନ ପରୀକ୍ଷା

**ବାଙ୍ଗିରିପୋଷି,୨୦।୧(ସଂଜୟ କୁମାର ଅଗ୍ରୱାଲା):** ବାଙ୍ଗିରିପୋଷି ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ପ୍ରଭାସିନୀ ନନ୍ଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଚାର୍ଯ୍ୟ ସଂସ୍କୃତି ଜ୍ଞାନ ପରୀକ୍ଷା ସମ୍ପାଦନ ହୋଇଯାଇଛି। ଅଭିଭାବକ ଏବଂ ଆଚାର୍ଯ୍ୟା, ଆଚାର୍ଯ୍ୟାଙ୍କୁ ନେଇ ଅଖିଳ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଅଭିଭାବକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଭିଭାବିକା ଭଗବତୀ ନାଏକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।

# ତରା ଉଦ୍‌ଘାଟନୀ ମ୍ୟାଚ୍ ବିଜୟୀ

**ଢେଙ୍କିକୋଟ,୨୦।୧(ନୀଳମଣି ମଣ୍ଡଳ)**

**ଶିବ ସିଂହ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ**

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମ ବାବା ବେଲେଶର ଖେଳପଡ଼ିଆଠାରେ ସୋମବାର ବାବା ବେଲେଶ୍ୱର କ୍ଲବ୍ ଆନୁକୂଲ୍ୟରେ ଅଷ୍ଟମ ବାର୍ଷିକ ଶିବ ସିଂହ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲା ଏମ୍‌ପି ଅନନ୍ତ ନାୟକଙ୍କ ସ୍ତ୍ରୀ ତଥା ନାରୀନେତ୍ରୀ ଲବଙ୍ଗଲତା ନାୟକ, ମୁଖ୍ୟ ବକ୍ତାଭାବେ କେନ୍ଦୁଝର ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂହ, ସମ୍ମାନୀୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଘଟଗାଁ ବ୍ଲକ୍ ମୁକୁନ୍ଦପୁର ପାଟଣା ପଞ୍ଚାୟତର ମହିଳା ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ଦେହୁରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ ୧୧ଟାରେ ଖେଳ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ ତରା କ୍ରିକେଟ୍ ଟିମ୍ ଓ ପୁରୁମୁଣ୍ଡା କ୍ରିକେଟ୍ ଟିମ୍ ମଧ୍ୟରେ ହୋଇଥିଲା। ପୁରୁମୁଣ୍ଡା ଟିମ୍‌କୁ ହରାଇ ତରା ଟିମ୍ ଜିତିଥିବା ବେଳେ ଦ୍ୱିତୀୟ ମ୍ୟାଚ ଲୁଙ୍ଗା କ୍ରିକେଟ୍ ଟିମ ସହ ବୀଣାଝରୀ କ୍ରିକେଟ୍ ଟିମ୍ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଲୁଙ୍ଗା କ୍ରିକେଟ ଟିମ୍‌କୁ ହରାଇ ବୀଣାଝରୀ ଜିତିଥିଲା। ତୃତୀୟ ରାଉଣ୍ଡରେ ତରା ଏବଂ ବୀଣାଝରୀ କ୍ରିକେଟଥ ଟିମ ମଧ୍ୟରେ ଖେଳାଯାଇଥିଲା। ସନ୍ତୋଷ କୁମାର ନାୟକ, ଅଭିନାଶ ଜେନା ଏବଂ ସାନ୍ତରାପୁର ଲକ୍ଷ୍ମୀନାରାୟଣ ହାଇସ୍କୁଲ ର କ୍ରୀଡା ଶିକ୍ଷକ ଲକ୍ଷ୍ମୀଧର ମହାନ୍ତ ଖେଳ ପରିଚାଳନା କରିଥିଲେ। ସାମ୍ଭ କମେଣ୍ଟ୍ରି, ସାମ୍ଭ ମିସ୍ତ୍ରୀ ଧାରା ବିବରଣୀ ପ୍ରଦାନ କରୁଥିଲେ। ଖେଳ ପରିଚାଳନା ମୁଖ୍ୟ ଦାୟିତ୍ୱରେ ସମ୍ପାଦକ ଜୟଦେବ ଗିରି ଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରୁଛନ୍ତି।



# ଫୁଟ୍‌ବଲ ପ୍ରତିଯୋଗିତା

**ବାରିପଦା,୨୦।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତର ଦଳକି ଗ୍ରାମରେ ସୋମବାର ଅପରାହ୍ନରେ ୧୧ତମ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହା କେବଳ ଅନୁସୂଚିତ ଜାତି ଅନ୍ତର୍ଗତ ଲୋକଙ୍କୁ ନେଇ ଆୟୋଜିତ ହୋଇଆସୁଛି। ଚଳିତବର୍ଷ ୮ ଟିମ୍‌କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି କଲ୍ୟାଣ ସମିତି ରାଜ୍ୟ ସାଧାରଣ ସମ୍ପାଦକ କରମଚାନ୍ଦ କାଳନ୍ଦୀ ଏବଂ ସମ୍ମାନିତ ଅତିଥି ଭାବେ ଉପସଭାପତି ଲୋହିତ କାଳନ୍ଦୀ, ଜିଲା ସମ୍ପାଦକ ହାଡିବନ୍ଧୁ କାଳନ୍ଦୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବେତନଟି ଦଳ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି ପ୍ରଥମ, ମଶାଳଦା ଗାଁ ଦ୍ୱିତୀୟ ଏବଂ ବେଙ୍ଗଲ ଟିମ୍ ତୃତୀୟ ସ୍ଥାନ ହାସଲ କରିଛି। ମୁଖ୍ୟଅତିଥି କୃତୀ ଟିମ୍‌କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ଯୁବ ସମାଜକୁ ସଙ୍ଗଠିତ ହୋଇ ନିଜ ଶିକ୍ଷା ଓ ଅଧିକାର ପାଇଁ ସଂଘର୍ଷ କରିବାକୁ ଆହ୍ୱାନ ଦେଇଥିଲେ। କ୍ଲବ୍ ସଭାପତି ଅନିଲ ବେହେରା, ସମ୍ପାଦକ ଧିରେନ ମିର୍ଧା ଓ ଅନ୍ୟ ସହଯୋଗୀମାନେ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

